## ବାପ-ପୁଅ ରାଜନୀତିରେ ଘାଣ୍ଟି ହେଉଛି କଂଗ୍ରେସ

# ଟିକେଟକୁ ନେଇ ଦ୍ୱନ୍ଦ୍ୱରେ ଏଆଇସିସି

**ଦୀପକ ବେହେରା, ଭୁବନେଶ୍ୱର, ୧୪।୩:**

ଉଠିବ କଂଗ୍ରେସ, ହସିବ ଓଡ଼ିଶାର ନାରା ଦେଇ କଂଗ୍ରେସ କିଛିଦିନ ତଳେ ରାଜ୍ୟସ୍ତରରେ ଅନେକ ପ୍ରତିଶ୍ରୁତି ପ୍ରଦାନ କରିଥିଲା। ଚଳିତ ନିର୍ବାଚନରେ ପରିବାରବାଦ ରାଜନୀତିର ବିଲୋପ ପାଇଁ କଂଗ୍ରେସ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ପ୍ରତି ପରିବାରରୁ କେବଳ ଜଣକୁ ଟିକେଟ ପ୍ରଦାନ କରାଯିବ ବୋଲି ଦୃଢ଼ୋକ୍ତି କରିଥିଲେ। ଯାହାକୁ ନେଇ ରାଜ୍ୟ କଂଗ୍ରେସରେ ରାଜନୀତିକୁ ପରିବାରର ପୁଞ୍ଜି କରି ଚଳୁଥିବା କିଛି ନେତାଙ୍କ ମନରେ ବିରୋଧାଭାଷ ସୃଷ୍ଟି କରିଥିଲା। ତେବେ ଆକସ୍ମିକ ବିଦ୍ରୋହର ବାସ୍ନା ଆଗୁଆ ଅନୁଭବ କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଜିତେନ୍ଦ୍ରଙ୍କ କଥାରେ ତାଳିପକା ଉଦ୍ୟମ କରିଥିଲେ। ପ୍ରାର୍ଥୀମାନେ ଗୋଟିଏ ପରିବାରର ହୁଅନ୍ତୁ ପଛେ, ଦୀର୍ଘଦିନରୁ ପ୍ରତ୍ୟକ୍ଷ ରାଜନୀତିରେ ଜଡ଼ିତ ଏବଂ ବିଜୟ ସମ୍ଭାବନା ଥିଲେ ସେମାନଙ୍କୁ କଂଗ୍ରେସ ଟିକେଟ ମିଳିବାରେ କୌଣସି ସମସ୍ୟା ରହିବ ନାହିଁ ବୋଲି କହିଥିଲେ। ତେବେ ନିରଞ୍ଜନଙ୍କ ଏହି ଆଶ୍ୱାସନା ବର୍ତ୍ତମାନ ଏଆଇସିସି ତଣ୍ଟିରେ କଣ୍ଟା ସଦୃଶ ଲାଗିଛି। କଂଗ୍ରେସରେ ବହୁ ଛାମୁଆ ନେତା ଏବଂ ତାଙ୍କ ପୁଅ ରାଜନୀତିରେ ଥିବାବେଳେ କଂଗ୍ରେସ ହାଇକମାଣ୍ଡ କାହାକୁ ଟିକେଟ ବାଣ୍ଟିବେ ସେ ନେଇ ସମସ୍ୟାରେ ପଡ଼ିଛନ୍ତି।

ବାପ-ପୁଅ ରାଜନୀତିରେ ବର୍ତ୍ତମାନ ସମ୍ପୂର୍ଣ୍ଣ ଛନ୍ଦି ହୋଇପଡ଼ିଲାଣି ରାଜ୍ୟ କଂଗ୍ରେସ। ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ଘୋଷଣାକୁ ବିରୋଧ କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପରିବାରରେ ଏକାଧିକ ବ୍ୟକ୍ତିଙ୍କୁ ଟିକେଟ ମିଳିବାର ନୂଆ ରାସ୍ତା ବାହାର କଲେ। ତେବେ ନୂଆ ଫର୍ମୁଲା ପାଇଁ ଏକଦମ ଅକଳିଆ ପରିସ୍ଥିତିରେ ପଡ଼ିଛି ରାଜ୍ୟ କଂଗ୍ରେସ। ଟିକେଟ ରେସ୍‌ରେ ବହୁ ବାପ-ପୁଅ ଯୋଡ଼ି ବର୍ତ୍ତମାନ ସାମିଲ ହୋଇଥିବା ବେଳେ ଏଆଇସିସି କାହାକୁ ଟିକେଟ ଦେବ ତାହା ସ୍ଥିର କରିପାରୁନାହିଁ। ସବୁଠାରୁ ବେଶୀ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି ନିରଞ୍ଜନଙ୍କ ପାଇଁ। ନିରଞ୍ଜନଙ୍କ ଫର୍ମୁଲା ଅନୁସାରେ ଦୀର୍ଘଦିନ ଧରି ରାଜନୀତିରେ ଜଡ଼ିତ ଏବଂ ବିଜୟ ସମ୍ଭାବନା ଅଧିକ ଥିବା ପ୍ରାର୍ଥୀଙ୍କୁ କଂଗ୍ରେସ ଟିକେଟ ମିଳିବ। ଏହି ଦୁଇଟି ମାନଦଣ୍ଡକୁ ଗଣ୍ଠି କରିଛନ୍ତି ନିରଞ୍ଜନ ବିରୋଧୀମାନେ। ବିରୋଧୀଙ୍କ କହିବା ଅନୁଯାୟୀ, ନିରଞ୍ଜନ ତାଙ୍କ ପୁଅ ନବଜ୍ୟୋତିଙ୍କୁ ଟିକେଟ ଦେବା ପାଇଁ କସରତ୍ ଚଳାଇଛନ୍ତି। ହେଲେ ଫର୍ମୁଲା ଅନୁଯାୟୀ, ଦୀର୍ଘଦିନରୁ ରାଜନୀତିରେ ଜଡ଼ିତ ଏବଂ ବିଜୟୀ ସମ୍ଭାବନା ଅଧିକ ଥିବା ପରିବାରର ଏକାଧିକ ବ୍ୟକ୍ତିଙ୍କୁ ଟିକେଟ ମିଳିବ। ହେଲେ ନବଜ୍ୟୋତି ଏବେ ଏବେ ରାଜନୀତି ଆରମ୍ଭ କରିଛନ୍ତି। ତାଙ୍କର ବିଜୟ ହେବାର ସମ୍ଭାବନା ମଧ୍ୟ ସନ୍ଦେହଘେରରେ। ତେଣୁ ତାଙ୍କୁ ଟିକେଟ ମିଳିଲେ ଆମକୁ ମଧ୍ୟ ମିଳିବା ଦରକାର ବୋଲି ଦଳ ମଧ୍ୟରୁ ଚାପା ଗୁଞ୍ଜରଣ ହେଲାଣି। ଏପଟେ କେତେକ ଟାଣୁଆ ନେତା ସେମାନଙ୍କ ପୁଅ ପାଇଁ ଜୋରସୋରରେ ଲବି ଜାରି ରଖିଛନ୍ତି।

▶▶ ୭